# Visit of External Affairs Minister Dr. S. Jaishankar to Kuwait (June 9-11, 2021)

June 08, 2021

## ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ କୁଏତ ଗସ୍ତ (9-11 ଜୁନ 2021)

**ଜୁନ 08, 2021**

କୁଏତ ବୈଦେଶିକ ମନ୍ତ୍ରୀ ତଥା କ୍ୟାବିନେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମାନ୍ୟବର ଶେଖ (ଡକ୍ଟର) ଅହମ୍ମଦ ନାସିର ଅଲ-ମହମ୍ମଦ ଅଲ-ସବାହଙ୍କ ନିମନ୍ତ୍ରଣ କ୍ରମେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 9-11 ଜୁନ 2021 କୁଏତ ଗସ୍ତରେ ଯିବେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବରେ ଏହା କୁଏତକୁ ତାଙ୍କର ପ୍ରଥମ ଗସ୍ତ ହେବ। ଏହି ଗସ୍ତ ସମୟରେ ସେ ଉଚ୍ଚସ୍ତରୀୟ ବୈଠକ କରିବେ ଏବଂ କୁଏତରେ ଭାରତୀୟ ସମୁଦାୟକୁ ମଧ୍ୟ ସମ୍ବୋଧିତ କରିବେ। ସେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ଚିଠି କୁଏତର ମହାମହୀମ ଆମୀରଙ୍କୁ ପ୍ରଦାନ କରିବେ।

2021-22ରେ ଭାରତ ଏବଂ କୁଏତ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନାର 60ତମ ବର୍ଷ ପୂର୍ତ୍ତି ହେଉଛି। ଭାରତ ଏବଂ କୁଏତ ମଧ୍ୟରେ ପାରମ୍ପାରିକ ଉଷ୍ମ ଓ ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ ଲୋକ ସମ୍ପର୍କ ଉପରେ ଆଧାରିତ। କୁଏତରେ ପ୍ରାୟ ଦଶ ଲକ୍ଷ ଭାରତୀୟ ବସବାସ କରନ୍ତି। କୁଏତର ସର୍ବବୃହତ ବାଣିଜ୍ୟିକ ସହଭାଗୀଙ୍କ ମଧ୍ୟରେ ଭାରତ ଅନ୍ୟତମ ଏବଂ କୁଏତ ଭାରତ ପାଇଁ ଏକ ପ୍ରମୁଖ ତୈଳ ଯୋଗାଣକାରୀ ଦେଶ।

ଗତ କିଛି ସପ୍ତାହରେ ଭାରତରେ କୋଭିଡ-19ର ଦ୍ୱିତୀୟ ଲହରୀ ସହିତ ଲଢିବାରେ ସାହାଯ୍ୟ କରିବାକୁ କୁଏତ ସରକାର ଏକ ବାୟୁ/ଜଳ ସେତୁ ପ୍ରତିଷ୍ଠା କରି ଭାରତକୁ ତରଳ ମେଡିକାଲ ଅମ୍ଳଜାନ ନିରନ୍ତର ତଥା ନିର୍ଭରଯୋଗ୍ୟ ଭାବେ ଯୋଗାଣ ସୁନିଶ୍ଚିତ କରିବାରେ ଆଗରେ ରହିଛନ୍ତି।

କୁଏତ ବୈଦେଶିକ ମନ୍ତ୍ରୀ ତଥା କ୍ୟାବିନେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମାନ୍ୟବର ଶେଖ (ଡକ୍ଟର) ଅହମ୍ମଦ ନାସିର ଅଲ-ମହମ୍ମଦ ଅଲ-ସବାହ 17-18 ମାର୍ଚ୍ଚ 2021ରେ ଭାରତ ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ବୈଦେଶିକ ମନ୍ତ୍ରୀସ୍ତରୀୟ ମିଳିତ ଆୟୋଗ ଗଠନ କରିବାକୁ ଉଭୟ ଦେଶ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ଜୁନ 08, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.